# NATIONAL NEWS BULLETIN (ODIA)
## 6 April - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହେବ ଆସନ୍ତାକାଲି

– ଆଗାମୀ ଗୁରୁବାର ଦିନ ହେବ ମତଗ୍ରହଣ

- ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ସତ୍ତ୍ୱେ ଦେଶରେ ପ୍ରଚୁର ମାତ୍ରାରେ ମହଜୁଦ ରହିଛି ଖାଦ୍ୟଶସ୍ୟ; କହିଲେ ସରକାର

- ଦେଶର ସୈନିକମାନଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ସରକାର; ପ୍ରତିରକ୍ଷା ମନ୍ତ୍ରୀଙ୍କ ସୂଚନା

ଏବଂ

- ଆଇପିଏଲ୍ କ୍ରିକେଟରେ ପଞ୍ଜାବ୍ କିଙ୍ଗ୍ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ କୋଲକାତା ନାଇଟ୍ ରାଇଡର୍ସର ନିଷ୍ପତ୍ତି

## ଇଲେକସନ୍

ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ପ୍ରଚାର କାର୍ଯ୍ୟ ଶେଷ ହେବ। ଆଗାମୀ ୯ ତାରିଖ ଗୁରୁବାର ଦିନ ଏକକ ପର୍ଯ୍ୟାୟରେ ଆସାମର ୧୨୬ଟି ଆସନ, କେରଳମ୍‌ର ୧୪୦ ଏବଂ ୩୦ ଆସନ ବିଶିଷ୍ଟ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ମତଗ୍ରହଣ କରାଯିବ। ଏଥିଲାଗି ବିଭିନ୍ନ ଦଳର ବରିଷ୍ଠ ନେତାମାନେ ଏହି ତିନୋଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ ଗସ୍ତ କରି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଜୋରଦାର କରିଛନ୍ତି।

## ପିଏମ୍ ଆସାମ ର୍‍ୟାଲି

ଆସାମର ପ୍ରତ୍ୟେକ ଜିଲ୍ଲାର ସାମଗ୍ରୀକ ବିକାଶ ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏନ୍.ଡି.ଏ. କାର୍ଯ୍ୟ କରୁଛି ବୋଲି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି। ଆଜି ଅପରାହ୍ନରେ ଆସାମର ହୋଜାଇଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ବିଜେପି ଶାସନ ଭାର ସମ୍ଭାଳିବା ପରେ ରାଜ୍ୟର ଭିତ୍ତିଭୂମି ସଶକ୍ତ ହେବା ସହିତ ବିବିଧ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି। ଶ୍ରୀ ମୋଦୀ କହିଛନ୍ତି, ବିଦ୍ୟୁତ ଶକ୍ତି ଲାଗି ଏକଦା ଅନ୍ୟ ରାଜ୍ୟ ଉପରେ ନିର୍ଭର

କରୁଥିବା ଆସାମ ଏବେ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟଭାବେ ଉଭା ହୋଇଛି। ଏହାଦ୍ୱାରା ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ରାଜ୍ୟ ବାହାରୁ ପୁଞ୍ଜିନିବେଶ ମଧ୍ୟ ବୃଦ୍ଧି ପାଇଛି। ଏତଦ୍‌ବ୍ୟତୀତ ରାଜ୍ୟରେ ଯୁବବର୍ଗଙ୍କ ଲାଗି ନିଯୁକ୍ତି ସୁଯୋଗ ଅଧିକ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ମୋରିଗାଓଁଠାରେ ହେବାକୁ ଥିବା ସେମିକଣ୍ଡକ୍ଟର ପ୍ଲାଣ୍ଟ ଉପରେ ଆଲୋକପାତ କରି ସେ କହିଛନ୍ତି, ସେଠାରେ ଉତ୍ପାଦନ ହେବାକୁ ଥିବା ଚିପ୍ ମାଧ୍ୟମରେ ଇଲେକ୍‌ଟ୍ରୋନିକ୍ସ ଓ ବୈଦ୍ୟୁତିକ ଯାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନେକ ଶିଳ୍ପାନୁଷ୍ଠାନ ଉପକୃତ ହୋଇପାରିବେ। ଆସାମର ଶିଳ୍ପ କ୍ଷେତ୍ରର ସମ୍ପ୍ରସାରଣ ମାଧ୍ୟମରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

## ଅମିତ ଶାହା- ପୁଡୁଚେରୀ

ପୁଡୁଚେରୀକୁ ଏକ ଶିଳ୍ପ କରିଡରଭାବେ ବିକଶିତ କରିବା ଲାଗି କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଆଜି ଏହି କେନ୍ଦ୍ରଶାସିତ ଅଞ୍ଚଳର ଥିରୁକାନ୍ନୁରଠାରେ ମାନ୍ନାଡିପେଟ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଆୟୋଜିତ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଶ୍ରୀ ଶାହା କହିଛନ୍ତି, ପୁଡୁଚେରୀକୁ ଏକ ନୀଳ ଅର୍ଥନୈତିକ ହବ୍‌ରେ ପ୍ରୋତ୍ସାହିତ କରିବା ଲାଗି

ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି କେନ୍ଦ୍ର ଶାସିତ ଅଞ୍ଚଳକୁ ଏକ ସମ୍ପୂର୍ଣ୍ଣ ବିକଶିତ ଅଞ୍ଚଳରେ ରୂପାନ୍ତରିତ କରିବା ଲାଗି ଏନ୍.ଡି.ଏ. ପ୍ରତିବଦ୍ଧ ବୋଲ ସେ କହିଛନ୍ତି। ଶ୍ରୀ ଶାହା କହିଛନ୍ତି, ପୁଡୁଚେରୀରେ ଏକ ଲ୍ୟାପଟପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଏହାର ବାର୍ଷିକ ୩ ଲକ୍ଷ ୟୁନିଟ୍ ଉତ୍ପାଦନ କରିବାର କ୍ଷମତା ରହିଛି। ନିଯୁକ୍ତି ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ଏହି କେନ୍ଦ୍ରଶାସିତ ଅଞ୍ଚଳରେ ପୂର୍ବ ସରକାରଙ୍କ ଅମଳରେ ବେରୋଜଗାରୀ ହାର ୪୭ ପ୍ରତିଶତ ଥିବାବେଳେ ଏନ୍.ଡି.ଏ ସରକାରଙ୍କ ସମୟରେ ଏହା ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ୪ ଦଶମିକ ୩ରେ ପହଁଞ୍ଚିଛି। କଂଗ୍ରେସ ନେତୃତ୍ୱାଧୀନ ସରକାର ପୁଡୁଚେରୀର ପ୍ରଗତି ଦିଗରେ ଅବହେଳା କରିଥିବାବେଳେ ଏନ୍.ଡି.ଏ ସରକାର କେନ୍ଦ୍ରରୁ ଏହାର ସାମଗ୍ରୀକ ବିକାଶ ଲାଗି ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେଉଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି।

## ମହା- ନୋମିନେସନ

ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନ୍.ସି.ପି. ନେତା ସୁନେତ୍ରା ଅଜିତ ପାୱାର ଆଜି ବାରମତି ବିଧାନସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନ ଲାଗି ନିଜ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଇତିମଧ୍ୟରେ କଂଗ୍ରେସ ପ୍ରାର୍ଥୀ ଆକାଶ ମୋରେ ଏହି ଆସନ ଲାଗି ନାମାଙ୍କନପତ୍ର ଦାଖଲ

କରିସାରିଛନ୍ତି। ଆସନ୍ତା ୨୩ ତାରିଖ ଦିନ ସେଠାରେ ନିର୍ବାଚନ ଅନୁଷ୍ଠିତ ହୋଇ ମେ’ ୪ ତାରିଖ ଦିନ ଭୋଟ୍‌ଗଣତି ହେବ।

ଏଠାରେ ସୂଚନା ଦିଆଯାଇପାରେ, ଗତ ଜାନୁଆରୀ ୨୮ ତାରିଖ ଦିନ ଏକ ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌.ସି.ପି.ର ବରିଷ୍ଠ ନେତା ଅଜିତ ପାୱାରଙ୍କର ଆକସ୍ମିକ ମୃତ୍ୟୁ ପରେ ଏହି ଆସନଟି ଖାଲି ପଡ଼ିଥିଲା।

## ଗଭ୍‌- ୱେଷ୍ଟ ଏସିଆ ବ୍ରିଫ୍‌

ପଶ୍ଚିମ ଏସିଆରେ ଦେଖା ଦେଇଥିବା ଯୁଦ୍ଧ ସ୍ଥିତି ସତ୍ତ୍ୱେ ଦେଶରେ ଖାଦ୍ୟଶସ୍ୟ ପ୍ରଚୁର ମାତ୍ରାରେ ମହଜୁଦ ଅଛି ବୋଲି ସରକାର ସୁନିଶ୍ଚିତ କରିଛନ୍ତି। ଆଜି ନୂଆଦିଲ୍ଲୀଠାରେ ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କିତ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ଉପଭୋକ୍ତା ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଅନୁପମ ମିଶ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ଖାଦ୍ୟ ସାମଗ୍ରୀ ତଥା ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ସ୍ଥିର ରଖିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ଏହାଛଡ଼ା ପରିସ୍ଥିତି ଉପରେ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ଯୁଗ୍ମ ସଚିବ ସି.ଶିଖା କହିଛନ୍ତି, ଦେଶରେ ଉଭୟ ଗହମ ଓ ଚାଉଳ ଆବଶ୍ୟକ ଆବଶ୍ୟକ ପରିମାଣରେ ମହଜୁଦ ରହିଛି। ବର୍ତ୍ତମାନ ଦେଶରେ ପ୍ରାୟ ୬୦୨ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ଉପଲବ୍ଧ ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ହିତାଧିକାରୀମାନଙ୍କୁ ସରକାର ଆବଶ୍ୟକ ପରିମାଣରେ ଖାଦ୍ୟଶସ୍ୟ ଯୋଗାଇ ଦେବା ସହିତ ସ୍ଥିର ମୂଲ୍ୟ ବଜାୟ ରଖି ମୁକ୍ତ ବଜାରରେ ମଧ୍ୟ ଗ୍ରାହକଙ୍କ ଲାଗି ଏହା ଉପଲବ୍ଧ କରାଯାଇଛି। ସେହିଭଳି ଖାଇବା ତେଲ ଯୋଗାଣକୁ ସୁଗମ କରାଯିବା ସହିତ ମୁଦ୍ରାସ୍ଫୀତି ମଧ୍ୟ ନିୟନ୍ତ୍ରଣରେ ରହିଛି ବୋଲି ଯୁଗ୍ମ ସଚିବ କହିଛନ୍ତି।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ମୁକେଶ ମଙ୍ଗଲ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ହର୍ମୁଜ ପ୍ରଣାଳୀ ଦେଇ ଗତ ଦୁଇଦିନ ମଧ୍ୟରେ ସବୁଜ ସାଙ୍ଘଭୀ ଓ ସବୁଜ ଆଶା ନାମକ ଦୁଇଟି ଭାରତୀୟ ଧ୍ୱଜାଧାରୀ ଜାହାଜ ଏଲ୍‌ପିଜି ବହନ କରି ସୁରକ୍ଷିତ ଭାବେ ପହଁଞ୍ଚିଛି। ବର୍ତ୍ତମାନ ଭାରତୀୟ ଧ୍ୱଜାଧାରୀ ୧୬ଟି ଜାହାଜ ବର୍ତ୍ତମାନ ପଶ୍ଚିମାଞ୍ଚଳ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ୪୩୩ ଜଣ ଭାରତୀୟ ନାବିକଙ୍କୁ ନେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛି ବୋଲି ଶ୍ରୀ ମଙ୍ଗଲ କହିଛନ୍ତି।

ଦେଶରେ ବର୍ତ୍ତମାନ ପ୍ରାୟ ୫୦ ଲକ୍ଷ ଏଲ.ପି.ଜି ସିଲିଣ୍ଡର ପ୍ରତ୍ୟହ ଯୋଗାଇ ଦିଆଯାଉଛି ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସାମ୍ବାଦିକ ସମ୍ମିଳୀନରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଥିସହିତ ଏଲ୍.ପି.ଜି. ଅନଲାଇନ୍ ବୁକିଂ ଏକ ରେକର୍ଡ ସ୍ତର ୯୭ ପ୍ରତିଶତରେ ପହଁଞ୍ଚିଛି। ଦେଶରେ ୫ କିଲୋଗ୍ରାମ ଏଲ୍.ପି.ଜି. ସିଲିଣ୍ଡରର ଉପଲବ୍ଧତା ଉପରେ ସୂଚନା ଦେଇ ସେ କହିଛନ୍ତି...

**-VO-**

ପଶ୍ଚିମ ଏସିଆରେ ଦେଖା ଦେଇଥିବା ସ୍ଥିତି ଲାଗି ଭାରତ ଆର୍ମେନିଆ ଓ ଆଜରବୈଜାନ ଦେଇ ଇରାନ୍‌ରୁ ୧ ହଜାର ୭୭୭ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟଙ୍କ ମଧ୍ୟରେ ୮୯୫ ଜଣ ଛାତ୍ରଛାତ୍ରୀ ରହିଛି। ଶ୍ରୀ ଜୟସ୍ୱାଲ କହିଛନ୍ତି, ଗତକାଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କତାର ଓ ସଂଯୁକ୍ତ ଆରବ ଏମିରେଟ୍ସର ବୈଦେଶିକ ମନ୍ତ୍ରିମାନଙ୍କ ସହିତ ପୃଥକ ପୃଥକ ଆଲୋଚନା କରିଛନ୍ତି। ଏହାଛଡ଼ା ଡକ୍ଟର ଜୟଶଙ୍କର ତାଙ୍କ ଇରାନ ପ୍ରତିପକ୍ଷଙ୍କ ସହିତ ମଧ୍ୟ ପଶ୍ଚିମ

ଏସିଆ ସ୍ଥିତି ସମ୍ପର୍କରେ ମତବିନିମୟ କରିଥିବା ନେଇ ଶ୍ରୀ ଜୟସ୍ୱାଲ ସୂଚନା ଦେଇଛନ୍ତି ।

**VO-RANDHIR-JAISWAL-F.TALK**

**ରାଜନାଥ- ରାଇଜିଂ ଡେ'**

ଦେଶର ସୈନିକମାନଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ସେନା ମେଡିକାଲ ସୈନ୍ୟ ପ୍ରତିଷ୍ଠା ଦିବସ ଅବସରରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ସୈନ୍ୟମାନେ ଦେଶ ଲାଗି ବିଭିନ୍ନ ପ୍ରତିକୂଳ ଜଳବାୟୁ ପରିସ୍ଥିତିରେ ଦିନରାତି କର୍ତ୍ତବ୍ୟ କରୁଛନ୍ତି । ଦେଶର ବିଭିନ୍ନ କୋଣଅନୁକୋଣରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଭଳି ପ୍ରତିଷ୍ଠାନ ସ୍ଥାପନ ଉପରେ ଗୁରୁତ୍ୱାରୋପ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ସେନାବାହିନୀ ଯେ କୌଣସି ସ୍ଥାନରେ ଉତ୍ତମମାନର ମେଡିକାଲ ସେବା ପାଇପାରିବେ । ସାମରିକ ମେଡିକାଲ ବାହିନୀର ମୂଳଦୁଆ କୁହାଯାଉଥିବା ନର୍ସମାନଙ୍କୁ ଅବସର ପରେ ପୂର୍ବତନ ସେନା କର୍ମଚାରୀର ପାହ୍ୟା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏହି ଅବସରରେ ଘୋଷଣା କରିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ନୂତନ ଆୟକର ଆଇନ, ୨୦୨୫** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସିବିଡିଟି ର ଯୁଗ୍ମ ସଚିବ ପିତାମ୍ବର ଦାସ ଏବଂ ଅର୍ଥନୈତିକ ବିଶ୍ଲେଷକ ଶରଦ କୋହଲି ଆଲୋଚନାରେ ଭାଗ ନେବେ । କାର୍ଯ୍ୟକ୍ରମ ପ୍ରସାରଣ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଉ କିଛି ସମୟ ପରେ ପଞ୍ଜାବ କିଙ୍ଗ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମୁକାବିଲା ହେବ। କୋଲକାତାର ଇଡେନ୍ ଗାର୍ଡେନ୍ସଠାରେ ସନ୍ଧ୍ୟା ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ । କୋଲକାତା ନାଇଟ୍ ରାଇଡର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।